## ସଂକ୍ଷେପରେ

### ଜଣେ ସଂକ୍ରମିତ ଚିହ୍ନଟ

ଢେଙ୍କାନାଳ ଅଫିସ,୧୫।୧୧- ଢେଙ୍କାନାଳ ଜିଲାରୁ ସୋମବାର ଜଣେ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସମ୍ପୃକ୍ତ ଆକ୍ରାନ୍ତ ଜଣକ କାମାକ୍ଷାନଗର ବ୍ଲକ ଅଞ୍ଚଳର। ଦିନକରେ ହୋଇଥିବା ୯୩୭ ଟେଷ୍ଟିଂକୁ ମିଶାଇ ଏଯାଏ ଜିଲାରେ ମୋଟ କୋଭିଡ୍ ଟେଷ୍ଟିଂ ସଂଖ୍ୟା ୫ ଲକ୍ଷ ୨୬ ହଜାର ୧୩୫ରେ ପହଞ୍ଚିଛି। ସେହିପରି ଜିଲାରେ ମୋଟ୍ ୧୯ ହଜାର ୯୧୬ କୋଭିଡ୍ ଆକ୍ରାନ୍ତଙ୍କ ମଧ୍ୟରୁ ୧୯ ହଜାର ୬୩୫ ଜଣ ସୁସ୍ଥ ହୋଇସାରିଛନ୍ତି। ବର୍ତ୍ତମାନ ଜିଲାରେ ୩୮ ଜଣ ଚିକିତ୍ସାଧୀନ ଥିବାବେଳେ ୨୪୩ ଜଣଙ୍କ ମୃତ୍ୟୁ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଡାକ୍ତରଙ୍କ ପରଲୋକ

ଢେଙ୍କାନାଳ ଅଫିସ,୧୫।୧୧- ଢେଙ୍କାନାଳ ସହର ଗୁଡିଆନାଳୀ ଅଞ୍ଚଳରେ ରହୁଥିବା ଅବସରପ୍ରାପ୍ତ ଡାକ୍ତର ଶିଶିର କୁମାର ଶତପଥୀଙ୍କ ଗତ ୧୧ ତାରିଖରେ



ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ହୋଇଯାଇଛି। ତାଙ୍କୁ ୭୪ ବର୍ଷ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ, ଝିଅପୁଅ ଓ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ସେ ଢେଙ୍କାନାଳ, ବଅଁରପାଳ, ଶଙ୍କରପୁର ଆଦି ସରକାରୀ ଡାକ୍ତରଖାନାରେ ରହି ଲୋକମାନଙ୍କ ସେବା କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ପରଲୋକରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଅଖଣ୍ଡ ନାମଯଜ୍ଞ

ବଇଣ୍ଡା,୧୫।୧୧(ଡି.ଏନ.ଏ.)-ଆଠମଲ୍ଲିକ ବ୍ଲକ ସାପଘରା ପଞ୍ଚାୟତ ଡୁମୁରିସିଙ୍ଗା ଗ୍ରାମରେ ରବିବାର ମହିମା ଧର୍ମର ଏକ ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ମାର୍କଣ୍ଡ ବାବା ଯୋଗଦେଇ ଅଖଣ୍ଡ ନାମଯଜ୍ଞ ସମ୍ପର୍କରେ ଗ୍ରାମବାସୀଙ୍କୁ ସୂଚନା ଦେଇଥିଲେ। ଏଥିରେ ନାମ ସଂକୀର୍ତ୍ତନ କରାଯାଇଥିଲା। ଗ୍ରାମର ସୁବାସ ସାହୁ, ଅରକ୍ଷିତ ସାହୁ, ସୁରେଶ ଚନ୍ଦ୍ର ସାହୁ, ବିପିନି ବିହାରୀ ସାହୁ, ସଞ୍ଜୟ ପ୍ରଧାନ, ରଞ୍ଜନ ସାହୁ, ସନଦ ସାହୁ, ଅର୍ଜୁନ ସାହୁ ସହଯୋଗ କରିଥିଲେ।

### କାର୍ତ୍ତିକେଶ୍ୱର ପୂଜା ଆରମ୍ଭ



ବଇଣ୍ଡା/ ବଅଁରପାଳ ୧୫।୧୧(ଡି.ଏନ.ଏ.)- କିଶୋରନଗର ବ୍ଲକ ବଇଣ୍ଡା ଶିବମନ୍ଦିର ନିକଟରେ ସୋମବାରଠାରୁ କାର୍ତ୍ତିକେଶ୍ୱର ପୂଜା ଆରମ୍ଭ ହୋଇଛି। ପୂଜା କମିଟି ସଭାପତି ଜିତେନ୍ଦ୍ର ବେହେରା, ଲଛମନ ଦାସ, ଆଲୋକ ବେହେରା, ପ୍ରଶ୍ନ ବେହେରା, ଚକ୍ରଧର ବେହେରାଙ୍କ ସମେତ ପୂଜା କମିଟିର କର୍ମକର୍ତ୍ତା ସହଯୋଗ କରୁଛନ୍ତି। ସେହିପରି ବଅଁରପାଳ ବ୍ଲକ କୁଲାଡ଼ ଗ୍ରାମର କପିଳେଶ୍ୱର ମହାଦେବ ମନ୍ଦିରରେ କାର୍ତ୍ତିକେଶ୍ୱର ପୂଜା ପୂଜା ଆରମ୍ଭ ହୋଇଛି। ଗ୍ରାମ ସଭାପତି ଭାଗୀରଥି ଜେନା, ଭଗବାନ ସ୍ୱାଇଁ, ବାମଦେବ ସେଠ, ହରିହର ଦେହୁରୀ, ପଞ୍ଚୁ ଦଳବେହେରା, ଶରତ ଚନ୍ଦ୍ର ଅମାନ୍ତ, ବିଜନ ଦଳବେହେରା ପ୍ରମୁଖ ସହଯୋଗ କରୁଥିବା ଗ୍ରାମବାସୀ କହିଛନ୍ତି।

# ମନ୍ଦିରରେ ଗହଳି ନିୟନ୍ତ୍ରଣ ନିର୍ଦ୍ଦେଶ



କୋଭିଡ୍ ପରିଚାଳନା ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀମାନେ।

**ଜିଲା କୋଭିଡ୍ ପରିଚାଳନା ସମୀକ୍ଷା**

ଢେଙ୍କାନାଳ ଅଫିସ,୧୫।୧୧

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଓସ୍ୱାନ ହଲଠାରେ ସୋମବାର ଜିଲାପାଳ ସରୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଜିଲା କୋଭିଡ୍ ପରିଚାଳନା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ବଡ଼ଓଷା ଓ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଜିଲାର ସମସ୍ତ ମନ୍ଦିରରେ ଗହଳି ନିୟନ୍ତ୍ରଣ, ବିଶୋଧନ, ସାମାଜିକ ଦୂରତ୍ୱ ଓ ମାସ୍କ ପରିଧାନକୁ ନିଶ୍ଚିତ କରିବାକୁ ବୈଠକରେ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡିସେମ୍ବର ସୁଦ୍ଧା ଜିଲାରେ ଯେପରି ସମସ୍ତଙ୍କ ଟିକାକରଣ ହୋଇପାରିବ ସେଥିନିମନ୍ତେ ମାଇକ୍ରୋ ପ୍ଲାନ କରି ଘରକୁ ଘର ଯାଇ ଟିକାକରଣରୁ ବାଦ ପଡିଥିବା ଲୋକଙ୍କୁ ଚିହ୍ନଟ କରିବା ସହିତ ଶଯ୍ୟାଶାୟୀ ରୋଗୀଙ୍କୁ ଟିକାଦାନର ବ୍ୟବସ୍ଥା କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଗତ ୧୩ ତାରିଖ ସୁଦ୍ଧା ଜିଲାରେ ୪୫ ବର୍ଷରୁ ଉର୍ଦ୍ଧ୍ୱ ୩ଲକ୍ଷ ୩୭ହଜାର ୨୪୬ଜଣ ପ୍ରଥମ ଡୋଜ୍ ଟିକା ଏବଂ ୧ଲକ୍ଷ ୬୪ହଜାର ୭୫୧ଜଣ ଦ୍ୱିତୀୟ ଡୋଜ୍ ଟିକା ନେଇଥିବା ବେଳେ ୧୮ରୁ ୪୪ବର୍ଷ ମଧ୍ୟରେ ୩ଲକ୍ଷ ୯୯ ହଜାର ୮୭୪ଜଣ ପ୍ରଥମ ଡୋଜ୍ ଏବଂ ୧ଲକ୍ଷ ୭ହଜାର ୮୭୬ଜଣ ଦ୍ୱିତୀୟ ଡୋଜ୍ ଟିକା ନେଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ର, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର ସୂଚନା ଦେଇଥିଲେ। ସେହିପରି ଜିଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମିଳିଥିବା କାର୍ଡ ବଣ୍ଟନ ବ୍ୟବସ୍ଥିତ କରିବାକୁ ଆଲୋଚନା ହୋଇଥିଲା। ୫-ଟି ବିଭାଗ ଅନ୍ତର୍ଗତ ମୋ ସ୍କୁଲ ଯୋଜନାରେ ବିଦ୍ୟାଳୟ ଗୁଡିକର ରୂପାନ୍ତରଣ କାର୍ଯ୍ୟକୁ ସମୀକ୍ଷା କରି ସମସ୍ତ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବାକୁ ଜିଲାପାଳ କହିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାସ, ପିଡି ଡିଆରଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ, ଢେଙ୍କାନାଳ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଆପାତକାଳୀନ ଅଧିକାରୀ ସ୍ନିଗ୍ଧାଛାୟା ମହାପାତ୍ର, ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି, ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ଜିଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋସ୍ନା ରାୟ, ଓସଡମା ଡିପିଓ ନିମାଇଁ ଚରଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଶାସନ କଲାନି, କର୍ମଚାରୀ କଲେ



କଲେଜ କର୍ମଚାରୀମାନେ ଅସ୍ଥାୟୀ ବିଶ୍ରାମାଗାର ନିର୍ମାଣ କରୁଛନ୍ତି।

**କଲେଜ ଛାତ୍ରୀଛାତ୍ରଙ୍କ ପାଇଁ ବିଶ୍ରାମାଗାର**

ବଇଣ୍ଡା,୧୫।୧୧(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ଜନତା କଲେଜକୁ ଦୂରାଦୂରାନ୍ତରୁ ବହୁ ଛାତ୍ରୀଛାତ୍ର ବସ୍ ଯୋଗେ ଯାତାୟାତ କରୁଛନ୍ତି। କଲେଜ ନିକଟରେ ବସ୍‌କୁ ଅପେକ୍ଷା କରିବା ପାଇଁ ପୂର୍ବରୁ ଥିବା ଏକ ବିଶ୍ରାମାଗାରକୁ ରାଜପଥ ପ୍ରଶସ୍ତୀକରଣ ପାଇଁ ଭାଙ୍ଗି ଦିଆଯାଇଥିଲା। ସେବେଠାରୁ ଛାତ୍ରୀଛାତ୍ରମାନେ ବହୁ ହଇରାଣ ହେଉଥିଲେ। ଏ ନେଇ ବାରମ୍ବାର ଠିକା ସଂସ୍ଥା ଓ ପ୍ରଶାସନ ନିକଟରେ କଲେଜ ପକ୍ଷରୁ ଅଭିଯୋଗ କରାଯାଉଥିଲା। କିନ୍ତୁ ପ୍ରଶାସନ ପଦକ୍ଷେପ ନ ନେବାରୁ ଶେଷରେ କଲେଜ କର୍ମଚାରୀମାନେ ଏକ ଅସ୍ଥାୟୀ ବିଶ୍ରାମାଗାର ନିର୍ମାଣ କରିଛନ୍ତି।

ପ୍ରକାଶ ଯେ, କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଦୀର୍ଘଦିନ ହେଲା ଜାରି ରହିଛି। ଏଥିପାଇଁ ବଇଣ୍ଡା ଅଞ୍ଚଳରେ ଥିବା ବହୁ ସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର ଉଚ୍ଛେଦ କରାଯାଇଛି। ରାଜପଥ ପାର୍ଶ୍ୱରେ ଜନତା କଲେଜ ଥିବାରୁ ଛାତ୍ରୀଛାତ୍ରଙ୍କ ପାଇଁ ଥିବା ବିଶ୍ରାମାଗାର ମଧ୍ୟ ୨ ବର୍ଷ ହେଲା ଭାଙ୍ଗି ଦିଆଯାଇଥିଲା। ଏଥିଯୋଗୁ ବସ୍‌କୁ ଅପେକ୍ଷା କରୁଥିବା ଛାତ୍ରୀଛାତ୍ରମାନେ ଖରା ଓ ବର୍ଷାରେ ଛିଡାହୋଇ ରହିବାକୁ ବାଧ୍ୟ ହେଉଥିଲେ। ଏକ ନୂତନ ବିଶ୍ରାମାଗାର ନିର୍ମାଣ ନିମନ୍ତେ ବହୁବାର ବ୍ଲକ ପ୍ରଶାସନ, ଜିଲା ପ୍ରଶାସନ ଓ ଠିକାସଂସ୍ଥାକୁ ଅଭିଯୋଗ କରାଯାଇଥିଲା। ଏ ନେଇ ନିରାଶ ହେବା ପରେ କଲେଜ କର୍ମଚାରୀମାନେ ଶନିବାର ଏକ ଅସ୍ଥାୟୀ ବିଶ୍ରାମଗାର ନିର୍ମାଣ କରିଛନ୍ତି। କଲେଜ ଅଧ୍ୟକ୍ଷ ସିଦ୍ଧାର୍ଥ କୁମାର ପଣ୍ଡା କହିଛନ୍ତି, ଠିକାସଂସ୍ଥା ଓ ପ୍ରଶାସନ ଅଭିଯୋଗକୁ ଗୁରୁତ୍ୱ ନ ଦେବାରୁ କର୍ମଚାରୀମାନେ ଏକ ଅସ୍ଥାୟୀ ବିଶ୍ରାମଗାର ନିର୍ମାଣ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରିବ ଭାଜପା

ଢେଙ୍କାନାଳ ଅଫିସ,୧୫।୧୧

ଆସନ୍ତା ୨୦ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଢେଙ୍କାନାଳ ଗସ୍ତକୁ ତୀବ୍ର ବିରୋଧ କରିବାକୁ ଭାଜପା ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସୋମବାର ଜିଲା ଭାଜପା ସଭାପତି ନରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଦଳର କାର୍ଯ୍ୟାଳୟଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ମମିତା ମେହେର ହତ୍ୟାକାଣ୍ଡର ମୁଖ୍ୟ ଷଡଯନ୍ତ୍ରକାରୀ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରିମଣ୍ଡଳରୁ ବରଖାସ୍ତ କରିବା ପରିବର୍ତ୍ତେ ମୁଖ୍ୟମନ୍ତ୍ରୀ ତାଙ୍କୁ ମଞ୍ଚରେ ବସାଇ ଖୋଲାଖୋଲି ଭାବେ ସୁରକ୍ଷା ପ୍ରଦାନ କରୁଥିବାରୁ ଦଳ ପକ୍ଷରୁ ଏହାକୁ ତୀବ୍ର ନିନ୍ଦା କରାଯାଇଥିଲା। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ବହୁ ସଂଖ୍ୟାରେ କାର୍ଯ୍ୟକର୍ତ୍ତା ଏକାଠି ହୋଇ ବିରୋଧ ଓ କଳାପତାକା ପ୍ରଦର୍ଶନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସଭାକୁ ବର୍ଜନ କରିବା ପାଇଁ ଜନସାଧାରଣଙ୍କୁ ନିବେଦନ କରାଯାଇଥିଲା। ଏହି ବୈଠକରେ ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, କୃଷ୍ଣଚନ୍ଦ୍ର ପାତ୍ର, ଅଞ୍ଜଳି ବେହେରା, ବିଭୂତି ପ୍ରଧାନ, ଶତ୍ରୁଘ୍ନ ଜେନା ପ୍ରମୁଖ ଉପସ୍ଥିତ ଥିବା ଜିଲା ମିଡିଆସେଲ ପ୍ରଭାରୀ ନବକିଶୋର ଗୁରୁ ଜଣାଇଛନ୍ତି।

### ଜନଜାତି ଗୌରବ ଦିବସ

ଢେଙ୍କାନାଳ ଅଫିସ,୧୫।୧୧- ଏବିଭିପି ଢେଙ୍କାନାଳ ନଗର ପକ୍ଷରୁ ବିର୍ଶା ମୁଣ୍ଡା ଜୟନ୍ତୀ ରାଷ୍ଟ୍ରୀୟ ଜନଜାତି ଗୌରବ ଦିବସ ଭାବେ ସୋମବାର ପାଳନ କରାଯାଇଛି। ଜିଲା ସଂଯୋଜକ ସୁଧାକର ସାହୁ ଯୋଗଦେଇ ବିର୍ଶା ମୁଣ୍ଡାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ନଗର ସହ ସମ୍ପାଦକ ଶ୍ୟାମସୁନ୍ଦର ପିରେଇ ସ୍ୱାଗତ ସମ୍ବର୍ଦ୍ଧନା ଓ ଜିଲା ସହସଂଯୋଜକ ଅରୂପ ପଟ୍ଟନାୟକ ସଭା ପରିଚାଳନା କରିଥିଲେ। ନଗର ସମ୍ପାଦକ ଆରମ୍ଭ ହୋତା ଧନ୍ୟବାଦ ଦେଇଥିଲେ। ନଗର ସହସମ୍ପାଦକ ଶୁଭମ କୁମାର ଗୁରୁମ୍ ଏବଂ ଛାତ୍ରନେତା ସମ୍ବିତ ପରିଡ଼ା, ସୌମ୍ୟରଞ୍ଜନ ସାହୁ, ସୁଧାଂଶୁ ଓ ହିମାଂଶୁ ପ୍ରମୁଖ ଉପସ୍ଥିତ ଥିଲେ।

### ବିର୍ସା ମୁଣ୍ଡା ଜୟନ୍ତୀ ପାଳିତ

ଭୁବନ,୧୫।୧୧(ଡି.ଏନ.ଏ.)

ଭୁବନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ବାଜି ରାଉତ କଲେଜ ଓ ମହିଳା କଲେଜରେ ବିର୍ସାମୁଣ୍ଡା ଜୟନ୍ତୀ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଅଜିତ କୁମାର ବେହେରା, ଅତିଥି ଭାବେ ଅଧ୍ୟାପକ ହିମାଂଶୁ ଶେଖର ମିଶ୍ର ଯୋଗଦେଇ ବିର୍ସାମୁଣ୍ଡାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ମହିଳା କଲେଜ ପରିସରରେ ଅଧ୍ୟକ୍ଷ ଦିଲୀପ କୁମାର ଦାସ ଅତିଥି ଭାବେ ଯୋଗଦେଇ ବିର୍ସାମୁଣ୍ଡାଙ୍କ ଜୀବନୀ ସମ୍ପର୍କରେ ବୁଝାଇଥିଲେ। ଏବିଭିପି ନଗର ସମ୍ପାଦିକା ସାଗରିକା ପରିଚାଳନା କରିଥିଲେ। ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଦଦରାଘାଟି ବିସ୍ଥାପିତଙ୍କ ଅନଶନ



ଜମିହରା ପ୍ରଜାମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଛନ୍ତି।

ପରଜଙ୍ଗ,୧୫।୧୧(ଡି.ଏନ.ଏ.)

୪ ଦଫା ଦାବିରେ ଦଦରାଘାଟି ଜଳ ପ୍ରକଳ୍ପର ଶତାଧିକ ଜମିହରା ପ୍ରଜା ସୋମବାର ପରଜଙ୍ଗ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ପ୍ରଜାମାନେ ପରଜଙ୍ଗ ବଜାରରୁ ଏକ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଥିଲେ। ୧୯୮୦ ମସିହା ପରଠାରୁ ଭେଜିଆ ୩ ନଂ. ଓ ୪ ନଂ. କଲୋନୀର ବସ୍ତି ବାସିନ୍ଦାମାନେ ଦାବି ପୂରଣ ପାଇଁ ଆନ୍ଦୋଳନ କରି ଆସୁଛନ୍ତି। ଭେଜିଆର ଉଭୟ ୩ ନଂ ଓ ୪ ନଂ କଲୋନୀକୁ ସ୍ୱତନ୍ତ୍ର ରାଜସ୍ୱ ଗ୍ରାମ ମାନ୍ୟତା, ଜମିପଟ୍ଟା ପ୍ରଦାନ, ଜବରଦଖଲ ଉଚ୍ଛେଦ ଓ ଲିଜ୍ ସୂତ୍ରରେ ଦିଆଯାଇଥିବା ପଟ୍ଟାକୁ ଖାରଜ କରିବା ପାଇଁ ସେମାନେ ଦାବି କରିଥିଲେ। ସମସ୍ୟା ସମାଧାନ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦିଆଯାଇଛି।

# ନେହେରୁଙ୍କ ଜୀବନୀ ଉପରେ ଆଲୋକପାତ

ଛେଣ୍ଡିପଦା,୧୫।୧୧(ସ୍ୱ.ପ୍ର.)



ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲରେ ଶିଶୁ ଦିବସ ଅବସରରେ ଅତିଥି ଓ ଅନ୍ୟମାନେ।

ଛେଣ୍ଡିପଦା ବ୍ଲକ ନିଶାସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲରେ ଶିଶୁ ଦିବସ ପାଳିତ ହୋଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଫକୀର ମୋହନ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରଧାନଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଜବାହାରଲାଲ ନେହେରୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ସୁଚିସ୍ମିତା ପାଢ଼ି ନେହେରୁଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ମଧୁମିତା ସାହୁ ସଙ୍ଗୀତ ପରିବେଷଣ କରିଥିଲେ। କଳା ଶିକ୍ଷକ ଅର୍ଣ୍ଣବ କୁମାର ପଣ୍ଡା, ବିଜ୍ଞାନ ଶିକ୍ଷକ ସୌମ୍ୟରଞ୍ଜନ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଏଥିରେ ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ଦୀପ୍ତିରେଖା ଦାସ ଧନ୍ୟବାଦ ଦେଇଥିଲେ।

# ମତଦାନ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ

ବଇଣ୍ଡା,୧୫।୧୧(ଡି.ଏନ.ଏ.)



କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟ ପରିସରରେ ସୋମବାର ମତଦାନ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସିଦ୍ଧାର୍ଥ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରା ଯୋଗଦେଇ ୧୮ ବର୍ଷରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରମାନେ କିଭଳି ସେମାନଙ୍କ ମତଦାନ କରିପାରିବେ ସେ ନେଇ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ କିଶୋରନଗର ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, ଅଧାପକ ଅସିତ ଜେନା, ସୁଧାକାର ସାହୁ, ନିରଞ୍ଜନ ଦାସ, ରବିନାରାୟଣ ବେହେରା ଯୋଗ ଦେଇଥିଲେ।

# ଶିଶୁଗୃହରେ ଶିଶୁଦିବସ

ଢେଙ୍କାନାଳ ଅଫିସ,୧୫।୧୧

ଢେଙ୍କାନାଳ ସଦର ବ୍ଲକ ମହୁଲପଡାସ୍ଥିତ ବିଶ୍ୱ କୁନ୍ତଳ ଶିଶୁ ଗୃହରେ ରବିବାର ଶିଶୁ ଦିବସ ପାଳନ କରାଯାଇଥିଲା। ଜିଲା ସକ୍ରିୟ ନାଗରିକ ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ ଅଧ୍ୟକ୍ଷତା କରି ଆଜିର ଶିଶୁ, କାଲିର ଭବିଷ୍ୟତ ଏବଂ ଶିଶୁ ହସିଲେ ଦେଶ ହସିବ ବୋଲି କହିଥିଲେ। ସଦର ଥାନା ଇନ୍ସପେକ୍ଟର ଅଭିନବ ଡାଲୁଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାମାନେ ନିଜର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶିକ୍ଷାରେ ବିଶେଷ ମନୋନିବେଶ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା କାର୍ଯ୍ୟକ୍ରମ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, 'ୟୁନିସେଫ୍'ର ଅଙ୍କୁରବାଳ ମିଶ୍ର ଓ ଶିଶୁମଙ୍ଗଳ




କମିଟି ସଭ୍ୟ ନିରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପୁଷ୍ପାଞ୍ଜଳି ଜେନା ସ୍ୱାଗତ ଭାଷଣ ଏବଂ ଶିଶୁ ମଙ୍ଗଳ କମିଟି ଶିଶୁ ପରାମର୍ଶଦାତା ଭାନୁମତୀ ପାଣି ଧନ୍ୟବାଦ ଦେଇଥିଲେ। ସର୍ବେଶ୍ୱର ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଦେଢ଼ବର୍ଷ ପରେ ଗଲେ ସ୍କୁଲ

ଢେଙ୍କାନାଳ ଅଫିସ,୧୫।୧୧

**୬ଷ୍ଠରେ ୮୨୭୬, ୭ମରେ ୭୩୫୬ ଛାତ୍ରୀଛାତ୍ର**



ଷଷ୍ଠ ଶ୍ରେଣୀ ପିଲାମାନେ ଶ୍ରେଣୀ ଗୃହରେ ବସିଛନ୍ତି।

କୋଭିଡ୍ ମହାମାରୀ ଯୋଗୁ ୨୦୨୦ ମାର୍ଚ୍ଚ ୧୯ରୁ ଢେଙ୍କାନାଳ ଜିଲାର ସ୍କୁଲ ଗୁଡିକରେ ୬ଷ୍ଠ ଓ ୭ମ ଶ୍ରେଣୀ କ୍ଲାସ ବନ୍ଦ ରହିଥିଲା। ପ୍ରାୟ ଦେଢବର୍ଷ ପରେ ସୋମବାର ସ୍କୁଲ ଖୋଲିବାରୁ ଷଷ୍ଠ ଓ ସପ୍ତମ ଶ୍ରେଣୀ ପିଲାଙ୍କ ପାଠପଢ଼ା ଆରମ୍ଭ ହୋଇଛି। ପ୍ରଥମ ଦିନରେ ଜିଲାର ୬୦ ପ୍ରତିଶତ ପିଲା ଉଭୟ ଶ୍ରେଣୀଗୃହରେ ଶିକ୍ଷା ନେଇଛନ୍ତି। ସେଥିରୁ ୬ଷ୍ଠ ଶ୍ରେଣୀର ୮୨୭୬ ଓ ୭ମ ଶ୍ରେଣୀର ୭୩୫୬ ପିଲାଙ୍କ ଉପସ୍ଥାନ ଥିବା ସୂଚନା ମିଳିଛି।

ଜିଲାରେ ୪୯୬ଟି ସ୍କୁଲରେ ଷଷ୍ଠ ଶ୍ରେଣୀରେ ମୋଟ୍ ୧୩, ୮୯୨ ଛାତ୍ରୀଛାତ୍ର ପଢୁଥିବା ବେଳେ ୭ମ ଶ୍ରେଣୀରେ ୧୨, ୪୦୯ ଛାତ୍ରୀଛାତ୍ର ପଢୁଛନ୍ତି। ଜିଲାର ସମସ୍ତ ୮ଟି ବ୍ଲକ ମଧ୍ୟରୁ ଆଦିବାସୀ ବହୁଳ କଙ୍କଡାହାଡ ବ୍ଲକର ୭୦ଟି ସ୍କୁଲରେ ୬ଷ୍ଠ ଶ୍ରେଣୀରେ ୯୮୦ ଓ ୭ମ ଶ୍ରେଣୀରେ ୧୧୧୦, ପରଜଙ୍ଗ ବ୍ଲକର ୪୮ଟି ସ୍କୁଲରେ ୬ଷ୍ଠ ଶ୍ରେଣୀରେ ୯୧୮ ଓ ୭ମ ଶ୍ରେଣୀରେ ୭୦୯, କାମାକ୍ଷାନଗର ବ୍ଲକର ୬୪ଟି ସ୍କୁଲରେ ୬ଷ୍ଠ ଶ୍ରେଣୀରେ ୮୪୩ ଓ ୭ମ ଶ୍ରେଣୀରେ ୮୫୩ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସେହିପରି ଓଡାପଡା ବ୍ଲକର ୭୧ଟି ସ୍କୁଲରେ ୬ଷ୍ଠ ଶ୍ରେଣୀରେ ୨୨୩୨ ଓ ୭ମ ଶ୍ରେଣୀରେ ୧୩୪୦, ଗଁଦିଆ ବ୍ଲକର ୮୩ଟି ସ୍କୁଲରେ ୬ଷ୍ଠ ଶ୍ରେଣୀରେ ୧୩୮୨ ଓ ୭ମ ଶ୍ରେଣୀରେ ୧୨୭୦, ସଦର ବ୍ଲକର ୬୬ଟି ସ୍କୁଲରେ ୬ଷ୍ଠ ଶ୍ରେଣୀରେ ୧୭୬୪ ଓ ୭ମ ଶ୍ରେଣୀରେ ୧୭୯୮ ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ହିନ୍ଦୋଳ ବ୍ଲକର ୧୦୦ଟି ସ୍କୁଲରେ ୬ଷ୍ଠ ଶ୍ରେଣୀରେ ୯୩୨ ଓ ୭ମ ଶ୍ରେଣୀରେ ୧୦୩୫, ଭୁବନ ବ୍ଲକର ୧୧୨ଟି ସ୍କୁଲରେ ୬ଷ୍ଠ ଶ୍ରେଣୀରେ ୧୧୨୩ ଓ ୭ମ ଶ୍ରେଣୀରେ ୧୦୬୦ ଛାତ୍ରୀଛାତ୍ର ସ୍କୁଲ ଆସିଥିବା ଜିଲା ଶିକ୍ଷା ବିଭାଗ ସୂତ୍ରରୁ ଜଣାପଡିଛି।

# 'ସୁଯୋଗର ସଦୁପଯୋଗ ହିଁ ସଫଳ କରେ'

୨୦୧୭ରେ ଦିଲ୍ଲୀରେ ଆୟୋଜିତ ମିସ୍ ଟିନ୍ ଇଣ୍ଡିଆ ପ୍ରତିଯୋଗିତାରେ ମିଳିଥିଲା ଦ୍ୱିତୀୟ ସ୍ଥାନ। ୨୦୧୮ରେ ମ୍ୟାନ୍‌ମାର ଠାରେ ଅନୁଷ୍ଠିତ ମିସ୍ ଟ୍ୟୁରିଜମ୍ ଆଣ୍ଡ୍ କଲ୍‌ଚର ୟୁନିଭର୍ସ ପ୍ରତିଯୋଗିତାରେ ସେ ଥିଲେ ଏକମାତ୍ର ଭାରତୀୟ ପ୍ରତିଯୋଗୀ। ତୃତୀୟ ରନର୍ସଅପ୍ ହୋଇ ସେ ଦେଶ ପାଇଁ ଆଣିଥିଲେ ଗୌରବ। ୨୦୨୧ରେ ଏମ୍‌ଟିଭି ସୁପର ମଡେଲ ସିଜନ-୨ରେ ତାଙ୍କୁ ମିଳିଛି ଦ୍ୱିତୀୟ ରନର୍ସଅପ୍ ହେବାର ସଫଳତା। ହେଲେ କେବଳ ମଡେଲିଂରେ ଅଟକିଯାଇନାହାନ୍ତି ଢେଙ୍କାନାଳ ସହର କୁଞ୍ଜକାନ୍ତ ଅଞ୍ଚଳର ଏହି ଝିଅ ସ୍ୱପ୍ନା ପ୍ରିୟଦର୍ଶିନୀ(୧୯)। ନିର୍ଦ୍ଦେଶକ ସୁଶାନ୍ତ ମଣିଙ୍କ ନିର୍ଦ୍ଦେଶନାରେ ଓଟିଟି ପ୍ଲାଟଫର୍ମରେ ରିଲିଜ୍ ହୋଇଥିବା ଓଡ଼ିଆ ଚଳଚ୍ଚିତ୍ର '୨ ଚକୋଲେଟ୍'ରେ ମୁଖ୍ୟ ନାୟିକା ମାଧ୍ୟମରେ ତାଙ୍କର ଓଲିଉଡ୍ ପ୍ରବେଶ ମଧ୍ୟ ହୋଇସାରିଛି। ବମ୍ବେ ପଶ୍ଚିମ ସର୍କଲସ୍ଥିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ମୁଖ୍ୟ ପ୍ରବନ୍ଧକ ଥିବା ବିଶ୍ୱଜିତ ରାଉତରାୟ ଓ ମଧୁମିତା ରାଉତରାୟଙ୍କ କନ୍ୟା ସ୍ୱପ୍ନା ବର୍ତ୍ତମାନ ବମ୍ବେରେ ବ୍ୟାଚଲର ଇନ୍ ବିଜିନେସ୍ ଆଡ୍‌ମିନିଷ୍ଟ୍ରେଶନର ଛାତ୍ରୀ। ସୋମବାର ନିଜ ଜନ୍ମମାଟି ଢେଙ୍କାନାଳ ଆସିଥିବାବେଳେ ସ୍ୱପ୍ନାଙ୍କ ସହ ଆଳାପ...।



ମଡେଲ ସ୍ୱପ୍ନା ପ୍ରିୟଦର୍ଶିନୀ

**➤କାହିଁକି ମଡେଲିଂକୁ ବାଛିଲେ?**

ପିଲାଟି ଦିନରୁ ମଡେଲ ହେବା ପାଇଁ ଇଚ୍ଛା ଥିଲା। ସେଥିପାଇଁ ଟେଲିଭିଜନ ଏବଂ ୟୁଟ୍ୟୁବ୍‌ରୁ ମଡେଲ ସମ୍ପର୍କିତ ବିଭିନ୍ନ ଶୋ' ଏବଂ କାର୍ଯ୍ୟକ୍ରମ ଦେଖି ଘରେ ନିଜକୁ ପ୍ରସ୍ତୁତ କରୁଥିଲି। ସ୍କୁଲ ପଢ଼ା ପରେ ବମ୍ବେରେ ମା, ବାପାଙ୍କ ପାଖରେ ଥିବାବେଳେ ବିଭିନ୍ନ ପ୍ରଡକ୍ଟ ପାଇଁ ମଡେଲିଂ ନିମନ୍ତେ ମନୋନୀତ ହୋଇଥିଲି।

**➤ଏମ୍‌ଟିଭି ସୁପର ମଡେଲ ଦ୍ୱିତୀୟ ରନର୍ସଅପ୍ ଅନୁଭବ କିପରି ଥିଲା?**

ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ ମୋ ପାଇଁ ଗର୍ବର ବିଷୟ ଥିଲା। ବିଚାରକ ମଣ୍ଡଳୀରେ ଥିବା ଚର୍ଚ୍ଚିତ ମଡେଲ ମିଲିନ୍ଦ ସୁମନ, ମଲାଇକା ଆରୋରା ଓ ଅନୁସା ଦାଣ୍ଡେକର ପ୍ରମୁଖଙ୍କ ଉପସ୍ଥିତି ମୋତେ ବେଶ୍ କିଛି ଅଭିଜ୍ଞତା ଦେଇଥିଲା। ପ୍ରଥମେ ବହୁତ ନର୍ଭସ୍ ଲାଗୁଥିଲା। ତେବେ ହିନ୍ଦୀ ମ୍ୟୁଜିକ୍ ଭିଡିଓ ଆଲବମ 'ମ୍ୟାଜିକ ମୋମେଣ୍ଟ' ପାଇଁ ସୁଯୋଗ ମିଳିବା ବଡ଼କଥା।

**➤ରଙ୍ଗବତୀ ଗୀତରେ ନାଚିବାର ଅନୁଭୂତି ସମ୍ପର୍କରେ କ'ଣ କହିବେ?**

ଏମ୍‌ଟିଭି ସୁପର ମଡେଲ ପ୍ରତିଯୋଗିତାରେ ମୋତେ ଯେ କୌଣସି ଭାଷାର ଏକ ଗୀତରେ ନାଚିବାକୁ କୁହାଯାଇଥିଲା। ଯେହେତୁ ଓଡ଼ିଶୀ ସହିତ ସମ୍ବଲପୁରୀ ନୃତ୍ୟ ଶିଖିଥିଲି, ତେଣୁ ରଙ୍ଗବତୀକୁ ବାଛିଲି। ମୋ ସହିତ ବିଚାରକ ମିଲିନ୍ଦ ସୁମନ, ମଲାଇକା ଆରୋରା ପ୍ରମୁଖ ନାଚିଲେ। ଏହା ମୋତେ ବହୁତ ଆନନ୍ଦ ଦେଇଥିଲା।

**➤ଚଳଚ୍ଚିତ୍ରରେ ଅଭିନୟ ସୁଯୋଗ କେମିତି ମିଳିଲା?**

ମଡେଲିଂ ସହ ଅଭିନୟ ପ୍ରତି ମଧ୍ୟ ଆଗ୍ରହ ରହିଛି। କେବଳ ଭଲ ସୁଯୋଗକୁ ଅପେକ୍ଷା ଥିଲା। ନିର୍ଦ୍ଦେଶକ ସୁଶାନ୍ତ ମଣିଙ୍କ ଓଡ଼ିଆ ଚଳଚ୍ଚିତ୍ର '୨ ଚକୋଲେଟ୍'ରେ ଲିଡ୍ ରୋଲ୍ ପାଇଁ ଅଫର ମିଳିଥିଲା। ତେଣୁ ସମ୍ମତି ଜଣାଇଥିଲି। ଦର୍ଶକମାନେ ଏହାକୁ ଗ୍ରହଣ କରିଛନ୍ତି। ବାବୁସାନ୍‌ଙ୍କ ସହ ଆଉ ଏକ ଓଡ଼ିଆ ଚଳଚ୍ଚିତ୍ରରେ ମୁଖ୍ୟ ନାୟିକା ଭାବେ ଅଭିନୟ ଆରମ୍ଭ ଏବଂ ମିସ୍ ଇଣ୍ଡିଆ ଓ ମିସ୍ ୟୁନିଭର୍ସ ପାଇଁ ପ୍ରସ୍ତୁତି ଚାଲିଛି।

**➤ଆପଣଙ୍କ ପସନ୍ଦର ମଡେଲ, ଅଭିନେତ୍ରୀ ଓ ଅଭିନେତା?**

ଆମେରିକାର ମଡେଲ ଜିଜି ହାର୍ଡିଡ୍ ମୋର ପସନ୍ଦ। ଓଡ଼ିଆ ଅଭିନେତ୍ରୀ ଅପରାଜିତା ମହାନ୍ତି, ଅଭିନେତା ଉତ୍ତମ ମହାନ୍ତି ଓ ମିହିର ଦାସ ଏବଂ ହିନ୍ଦୀ ଚଳଚ୍ଚିତ୍ରରେ ଅମିତାଭ ବଚ୍ଚନ, ରଣଧୀର କପୁର, ଆମିର ଖାନ୍, ମାଧୁରୀ ଦୀକ୍ଷିତ, ଶ୍ରୀଦେବୀ, ଦୀପିକା ପାଦୁକୋନ ମୋତେ ଶ୍ରେଷ୍ଠ ଲାଗନ୍ତି।

**➤ସଫଳତାର ରହସ୍ୟ ଓ ପ୍ରେରଣା?**

ପ୍ରତିଟି କ୍ଷେତ୍ରରୁ କିଛି ଶିଖିବା ନିଜର ଲକ୍ଷ୍ୟ ହେବା ଉଚିତ। ଏହା ସୁଯୋଗର ସଦୁପଯୋଗରେ ସହାୟ ହୁଏ ଓ ସଫଳ କରେ। ସେହିପରି ପ୍ରେରଣା କହିଲେ ମା, ବାପା ହିଁ ମୋର ଆଦର୍ଶ ଓ ପ୍ରେରଣା। ସେମାନଙ୍କ ଗାଇଡ୍ ସଫଳତା ପାଇଁ ପ୍ରୋତ୍ସାହନ ଦିଏ।

**➤ଭବିଷ୍ୟତ ଲକ୍ଷ୍ୟ?**

ଅନ୍ତର୍ଜାତୀୟସ୍ତରରେ ଜଣେ ମଡେଲ ଓ ଭଲ ଅଭିନେତ୍ରୀ ହେବାକୁ ଲକ୍ଷ୍ୟ ରଖିଛି।

-ରିପୋର୍ଟ: ରତନ ନାୟାର, ଢେଙ୍କାନାଳ

